# ମୁକ୍ତି ସଂଗ୍ରାମର କାବ୍ୟିକ ପ୍ରତିକ୍ରିୟା: ଜାତୀୟ କବି ବାଞ୍ଛାନିଧି

ଡଃ କ୍ଷୀରୋଦ କୁମାର ସାମଲ

କବି ପ୍ରାଣର ଆଶା ଆକାଙ୍କ୍ଷା କବିତାରେ ଆବେଗପୂର୍ଣ୍ଣ ଭାଷାରେ ପ୍ରକାଶିତ ହୋଇଥାଏ । କବିତ୍ୱ ଶକ୍ତି ଓ କବି ପ୍ରତିଭା ମୁଖ୍ୟତଃ ଭାବପ୍ରବଣତା ଓ ସହାନୁଭୂତି ଉପରେ ଆଧାରିତ । ଏହି ଭାବପ୍ରବଣତା, ଆନୁଗତ୍ୟ ଓ ସହାନୁଭୂତି ଏକ ଜନଗୋଷ୍ଠୀକୁ ଏକ ଅନୁଷ୍ଠାନ ଓ ସାଂସ୍କୃତିକ ବନ୍ଧନରେ ବାନ୍ଧିରଖି ଜନମାନସରେ ଏକତାର ଭାବ ସୃଷ୍ଟି କରିବା ହିଁ ଜାତୀୟତାବାଦ ବୋଲି ବିଶ୍ୱାସ । ପ୍ରତ୍ୟେକ କବି ତାର ପାରିପାର୍ଶ୍ୱିକ, ସାମାଜିକ ବେଷ୍ଟନୀ ଓ ରାଜନୈତିକ ଚେତନା ଦ୍ୱାରା ପରିପୁଷ୍ଟ ଏବଂ ବ୍ୟକ୍ତିଗତ ଐକାନ୍ତିକ ନିଷ୍ଠା ଓ ବିଶ୍ୱାସ ଦ୍ୱାରା ସଂଜୀବିତ । ସମାଜ ଗଠନ ଦିଗରେ କବିର ବଳିଷ୍ଠ ଭୂମିକା ଓ ନୈତିକ ଦାୟିତ୍ୱ ରହିଛି । ସାହିତ୍ୟରେ ସାମାଜିକ ଜୀବନ ଓ ଚରିତ୍ର ପ୍ରତିଫଳିତ ହୋଇଥାଏ । ଲୋକଙ୍କୁ ଏହା ଉତ୍ତୋଳନ କରେ । ଲୋକଙ୍କ ସମସ୍ୟା ବିଷୟରେ ସୂଚନା ଦେଇ ସଚେତନ କରାଏ । ଲୋକଙ୍କୁ ସାମୂହିକ ସମସ୍ୟା ସମାଧାନ ପାଇଁ ସମ୍ମିଳିତ କରାଏ । ଏହି ସମ୍ମିଳିତ ଶକ୍ତିର ଅଭିବ୍ୟକ୍ତି ହିଁ ଜାତୀୟ ଚେତନା । ଜାତୀୟ ଚେତନା ମଧ୍ୟ ଜନ ଗୋଷ୍ଠୀରେ ଯୁଗାନ୍ତକାରୀ ପ୍ରତିଭା ସୃଷ୍ଟି କରିଥାଏ । । ଜାତୀୟ କବି ବାଞ୍ଛାନିଧି ସେହିଭଳି ଏକ ଯୁଗାନ୍ତ ପକାରୀ ପ୍ରତିଭା ।

୧୯୨୧ ମସିହା ମାର୍ଚ୍ଚ ମାସ ୩ ତାରିଖରେ ବାଞ୍ଛାନିଧି ଅସହଯୋଗ ଆନ୍ଦୋଳନରେ ପ୍ରତ୍ୟକ୍ଷଭାବେ ଜଡ଼ିତ ହେଲେ । ଜନ୍ମଭୂମି ଈରମର ପରିମଣ୍ଡଳ ଆନ୍ଦୋଳନର ଉଷ୍ଣତାରେ ସତେଜ ଓ ସକ୍ରିୟ ହୋଇ ତାଙ୍କରି ନେତୃତ୍ୱରେ । ସେହି ବର୍ଷ ମାର୍ଚ୍ଚ ୬ ତାରିଖରେ ନିଜ ଗ୍ରାମର ମେଳଣ ପଡ଼ିଆରେ ବିରାଟ ଜନସମାବେଶରେ ସେ ଥିଲେ ଆୟୋଜନ ଓ ମୁଖ୍ୟବକ୍ତା । ଅସହଯୋଗ ଆନ୍ଦୋଳନର କାରଣ ନିର୍ଣ୍ଣୟ ପାଇଁ ସେ ଲୋକମାନଙ୍କୁ ବୁଝାଇଲେ-

ଯେତେଦିନ ଯାଏଁ ଭାଇ ମୁସଲମାନଙ୍କର
ଖିଲଫତ ଅନ୍ୟାୟର ନୋହିଛି ବିଚାର ।
ଯେତେଦିନ ପଞ୍ଜାବର ନୁହେଁ ପ୍ରତିକାର
ସେତେଦିନ ଯାଏ ଶୁଖିନାହିଁ ଲୁହଧାର ।
ସ୍ୱରାଜ ବିହୁନେ ନାହିଁ ପ୍ରତିକାର ଆଶା
ସ୍ୱରାଜ ବିହୁନେ ନଘୁଂଚିବ ଦୁଃଖ ନିଶା । (ପଦ୍ୟାବଳୀ-ପୃ- ୧୫

୧୯୨୫ ମସିହା ମାର୍ଚ୍ଚ ୨୫ ତାରିଖରେ ଭଦ୍ରକର ଗାନ୍ଧିପଡ଼ିଆ ଠାରେ ହରେକୃଷ୍ଣ ମହତାବ ଓ ବାଞ୍ଛାନିଧିଙ୍କ ଆୟୋଜନରେ ବିରାଟ ଜନସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଗାନ୍ଧି ନିଜେ ଏଥିରେ ଯୋଗଦେଇ ଥିଲେ । ସ୍ୱାଗତ ସଂଗୀତ ଗାନକରି ବାଞ୍ଛାନିଧି ଗାନ୍ଧିଙ୍କୁ ଶ୍ରୀକୃଷ୍ଣଙ୍କ ଅବତାରରୂପେ ଚିତ୍ରଣ କରିଥିଲେ ।

ଗାନ୍ଧିଜୀଙ୍କ ନିକଟତର ହେବାର ସୁଯୋଗ ଓ ସୌଭାଗ୍ୟ ବାଞ୍ଛାନିଧିଙ୍କ ମାନସିକ ଦକ୍ଷତାକୁ ବହୁଗୁଣିତ କରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଛାତ୍ରାବସ୍ଥାରେ ବାଞ୍ଛାନିଧି ଅଂଶ ଗ୍ରହଣ କରି, ପରବର୍ତ୍ତୀ ସମୟରେ ସତ୍ୟବାଦୀ ଗୋଷ୍ଠୀ ଓ କର୍ମୀମାନଙ୍କ ସହିତ ବିଭିନ୍ନ ସୀମାନ୍ତ ଅଂଚଳ ଯାଇ ସଭା ଆୟୋଜନ କରି ସ୍ୱରଚିତ ସଂଗୀତ ଗାନକରି ସ୍ୱକୀୟ ଜାତୀୟ ଚେତନାର ପରିଚୟ ଦେଇଥିଲେ ।

ସେହି ଜାତୀୟ ଉଦ୍‌ବୋଧନ ଧାରା ୧୯୨୧ ମସିହା ବେଳକୁ ମହାପ୍ରବାହରେ ରୂପାନ୍ତରିତ ହେଲା । ସେ ଥିଲେ ତ୍ୟାଗର ପ୍ରତୀଭୂ । ଅସହଯୋଗ ଆନ୍ଦୋଳନ କାର୍ଯ୍ୟକ୍ରମର ବୈପ୍ଳବିକ ରୂପାୟନ ପାଇଁ ଭଦ୍ରକ ବଙ୍କସାହିସ୍ଥ ନିଜ ବାସଭବନରେ ୧୯୨୧ ରୁ ୨୨ ଯାଏଁ କଂଗ୍ରେସ ଆଶ୍ରମ ପ୍ରତିଷ୍ଠା କଲେ । ୧୯୨୩ରେ କୁଆଁସ ଗ୍ରାମରେ ସ୍ଥାୟୀ ଆଶ୍ରମ କରି ଆନ୍ଦୋଳନର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କଲେ । ସହକର୍ମୀମାନଙ୍କୁ ଆହ୍ୱାନ ଦେଲେ-

ସହଯୋଗୀ ଉଠ ଏବେ ଜାଗିହେ
କରମରେ ଯାଅ ନିଜେ ଲାଗିହେ ।
ଗ୍ରାମେ ଗ୍ରାମେ କର ହେ ସମିତି
ନାଶ ବାଦ ବିବାଦ ଅନୀତି
ପରେ ଯାଅନାହିଁ ଋଣ ମାଗିହେ ।

ଅସହଯୋଗର ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗୀତ ମାଧ୍ୟମରେ ପ୍ରଚାର କରି ଜନସାଧାରଣଙ୍କୁ ପ୍ରଭାବିତ କରିବା ଥିଲା ତାଙ୍କର ମୁଖ୍ୟ ଅଭିପ୍ରାୟ । ସରକାରୀ ଚାକିରୀ ତ୍ୟାଗ ପାଇଁ ସେ ଆହ୍ୱାନ ଦେଲେ-

ଛାଡ଼ିଦିଅ ଭାଇ ସବୁ ବାବୁଗିରି

ଛାଡ଼ିଆସ ଏବେ ଗୋଲାମ ଚାକିରୀ
ମୋଟ ଭାତ ଖାଇ  ମୋଟ ଲୁଗା ପିନ୍ଧି
ଏକା ଈଶ୍ୱର ଶରଣଂ । (ପୃ-୪)

ବିଦେଶୀ ବସନ ବର୍ଜନ କରି ସ୍ୱଦେଶୀ ବସ୍ତ୍ର ବୟନର ଆବଶ୍ୟକତା ଥିଲା ଏକାନ୍ତ ଜରୁରୀ । ଅରଟରେ ସୂତା କାଟି ତନ୍ତରେ ବୁଣି ଖଦି ପିନ୍ଧିବା ନୀତି ପ୍ରଚଳିତ ଥିଲା । ଅରଟ ଭାରତର ଦାରିଦ୍ର୍ୟ ଦୂରୀକରଣର ଅସ୍ତ୍ର ବୋଲି ଗାନ୍ଧି ମନ୍ତବ୍ୟ ଦେଲେ । ବାଞ୍ଛାନିଧି ଗାନ୍ଧିଙ୍କୁ କୃଷ୍ଣାବତାର ଓ ଅରଟକୁ ସୁଦର୍ଶନ ଚକ୍ରରୂପେ ଅଭିହିତ କରିଥିଲେ-

ଅରଟ ଅସ୍ତ୍ରର ବଳେ  ସ୍ୱରାଜ ଲଭିବା ହେଳେ
ସେତ ସୁଦର୍ଶନ ଚକ୍ର କରିଦେବ ପାପ କ୍ଷୟ ହେ ।

ଗାନ୍ଧିଙ୍କ ଘୋଷଣା ଥିଲା ଆନ୍ଦୋଳନର ବେଦବାକ୍ୟ । ହିନ୍ଦ୍ ସ୍ୱରାଜରେ ଗାନ୍ଧି ଅରଟ ଉପରେ ଗୁରୁତ୍ୱ ଦେଲେ ଓ ଖଦଡ଼୍ ପିନ୍ଧିବାକୁ ନିର୍ଦ୍ଦେଶ ଦେଲେ । ବାଞ୍ଛାନିଧି ସେହି ବାର୍ତ୍ତାକୁ ପ୍ରଚାର କଲେ । ଖଦିର ପ୍ରଶସ୍ତିଗାନ ଓ ବ୍ୟାପକ ବ୍ୟବହାର ପାଇଁ ବାଞ୍ଛାନିଧିଙ୍କ ଉକ୍ତି-

ଖଦି ପିନ୍ଧିବି ମୁଁ ଯେତେ ମୋଟା ହେଉ
ହସିବ ଦେଖି ଯେ ମୋତେ ହସୁଥାଉ ।
ମୋ ଦେଶ ତିଆରି ଧନ କରିବି ଅତି ଯତନ
ଭାସିଗଲା ଦେଶ ସାରା ତ୍ୟାଗ ଢେଉ । (ପୃ- ୧୮୫)

ବିଦେଶୀ ବସ୍ତ୍ର ବର୍ଜନର ଅନ୍ୟତମ ଚରମ ପଦକ୍ଷେପ ବିଦେଶୀ ବସ୍ତ୍ର ଦହନ । ନିଖିଳ ଭାରତ କଂଗ୍ରେସ କମିଟି ସେପ୍ଟେମ୍ବର ମାସ ମଧ୍ୟରେ ବିଦେଶୀ ବସ୍ତ୍ର ବର୍ଜନ ପାଇଁ ପ୍ରସ୍ତାବ ଦେଇଥିଲା । ପ୍ରଥମେ ଗାନ୍ଧି ବିଦେଶୀ ବସ୍ତ୍ର ସ୍ତୁପରେ ଅଗ୍ନି ସଂଯୋଗ କଲେ । ଚାହୁଁ ଚାହୁଁ ସାରା ଦେଶରେ ବିଦେଶୀ ବସ୍ତ୍ରର ଅଗ୍ନ୍ୟୁତ୍ସବ ଚାଲିଲା । ୧୯୨୧ ଅଗଷ୍ଟ ୬ ତାରିଖରେ ପୁରୀ ବଡ଼ ଦାଣ୍ଡରେ ଗୋପବନ୍ଧୁ ଭାଷଣ ପ୍ରସଙ୍ଗରେ ବିଦେଶୀ ବସ୍ତ୍ର ପାପ ଏତେଦିନ ଆମ୍ଭମାନଙ୍କର କାୟା ଭ୍ରଷ୍ଟ କରୁଥିଲା । ଆଜି ତାହା ଦଗ୍ଧ ହେଲା କହି ବିଦେଶୀ ଲୁଗା ଗଦାରେ ନିଆଁ ଲାଗଇଥିଲେ । ସେ ଅଗଷ୍ଟ ୧୫ ରୁ ୨୨ ଯାଏଁ ବାଲେଶ୍ୱର ଜିଲ୍ଲାରେ ବୁଲି ବିଦେଶୀ ବସ୍ତ୍ର ବର୍ଜନ ସଂପର୍କରେ ପ୍ରଚାର କଲେ । ହରେକୃଷ୍ଣ ମହତାବ ଓ ବାଞ୍ଛାନିଧି ଏଥିରେ ତାଙ୍କୁ ସକ୍ରିୟ ସହଯୋଗ କରିଥିଲେ । ଏ ପ୍ରସଂଗରେ ବାଞ୍ଛାନିଧିଙ୍କ ସଂଗୀତ ଚହଳ ପକାଇଦେଇଥିଲା ।

ତେଜ ତେଜ ଭାଇ  ବିଦେଶୀ ବସନରେ
(ବିଦେଶୀ) ବସନରେ, ବିଲାତି ଫେସନରେ । (ପୃ-୧୦୯)

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭିନ୍ନ ଗାଁକୁ ଗାଁ ବୁଲି ବାଞ୍ଛାନିଧି ଓ କଂଗ୍ରେସ କର୍ମୀମାନେ ସ୍ୱରାଜ ସଂକୀର୍ତ୍ତନ ମାଧ୍ୟମରେ ଆନ୍ଦୋଳନର ବାର୍ତ୍ତା ପହଂଚାଇ ପ୍ରବଳ ଉତ୍ତେଜନା ସୃଷ୍ଟି କରିଥିଲେ । ସେହି ସଂଗୀତର ଉନ୍ମାଦନା ଶକ୍ତି ଥିଲା ଜୀବନ୍ତ ଓ ସଶକ୍ତ । ଡ଼ଃ ମହତାବ ଏହି ସଂଗୀତକୁ ଲକ୍ଷ୍ୟକରି କହିଥିଲେ - ବିଦେଶୀ ବର୍ଜନ ପାଇଁ ସେତେବେଳେ ଗାୟକ ଓ ବାଦକମାନେ ବାଞ୍ଛାନିଧିଙ୍କ ଗୀତଗାଇ ଏପରି ନିମଜ୍ଜି ଯାଇଥିଲେ ଯେ, ନିଆଁ ଚାରିପଟେ ଘୂରି ଘୂରି ଗୀତ ଗାଉ ଗାଉ କେତେଜଣ ସେହି ନିଆଁ ଭିତରେ ପଶିଯାଇଥିଲେ ଅଲକ୍ଷ୍ୟ ଭାବରେ ।

ନିଶା ବର୍ଜନ ପାଇଁ ଗାନ୍ଧୀଜୀଙ୍କ ଆହ୍ୱାନକୁ ବାଞ୍ଛାନିଧି ମର୍ମେ ମର୍ମେ ଅନୁଭବ କରି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସଂଗୀତ ମାଧ୍ୟମରେ ଉଦ୍ୟମ କଲେ ।

ଗାନ୍ଧିଙ୍କ ଅସ୍ପୃଶ୍ୟତା ନିବାରଣ ଆହ୍ୱାନରେ ବିମୁଗ୍ଧ ବାଞ୍ଛାନିଧି ସମାଜର ସ୍ତରେ ସ୍ତରେ ଜାତି ଭେଦ ହୀନତାର ବୀଜ ବପନ କଲେ ।

ଅଛୁଆଁ ଦୋଷ ମହାପାପକୁ ଉଠାଅ ଭାଇ
ଅଛୁଆଁ ଛୁଆଁ ଜାତି ପ୍ରମାଣ କାହିଁରେ ନାହିଁ ।

ଅସହଯୋଗର ଅନ୍ୟତମ କାର୍ଯ୍ୟକ୍ରମ ଥିଲା କୋର୍ଟ କଚେରୀ ବର୍ଜନ । ବାଞ୍ଛାନିଧିଙ୍କ ଉଦ୍ୟମ ଫଳରେ ଅନେକ ଜମିଦାର ଖଜଣା ଆଦାୟ ନହେବାରୁ ସେମାନଙ୍କର ପ୍ରଜାମାନଙ୍କ ବିରୁଦ୍ଧରେ ସରକାରୀ କୋର୍ଟରେ ନାଲିସ୍ କରିବା ପରିବର୍ତ୍ତେ ଭଦ୍ରକସ୍ଥ କଂଗ୍ରେସ ଆଶ୍ରମରେ ଆଶ୍ରୟ ନେଇଥିଲେ ।

ଭବିଷ୍ୟତ ଭାରତର ଶାସନ ଖସଡ଼ା ସମ୍ପର୍କରେ ଅନୁଧ୍ୟାନ କରିବାକୁ ୧୯୨୮ ଅକ୍ଟୋବର ୩୦ରେ ଭାରତକୁ ସାଇମନ୍ କମିଶନ୍ କମିଶନ ଆସିଲା । ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ପରିଚାଳିତ ଶୋଭାଯାତ୍ରା ସାଇମନ୍ ଫେରିଯାଆ ଧ୍ୱନି ଶୁଣଗଲା । ଶୋଭାଯାତ୍ରା ଉପରେ ପୋଲିସ୍‌ର ମରଣାନ୍ତକ ଆକ୍ରମଣ ଫଳରେ ଲଜପତ୍ ରାୟ ଆଘାତ ପାଇ ସେହିବର୍ଷ ନଭେମ୍ବର ୧୭ରେ ମୃତ୍ୟୁ

ବରଣ କଲେ । ଏ ଘଟଣା ଭାରତସାରା ଚାଂଚଲ୍ୟ ଖେଳାଇଦେଲା । କଂଗ୍ରେସର ସାଇମନ୍ ବର୍ଜନ ପ୍ରସ୍ତାବରେ ସାରା ଭାରତ ମୁଖରିତ ହେଉଥିବା ବେଳେ ଓଡ଼ିଶାର ସଂଗ୍ରାମ ଭୂମିରେ ବାଞ୍ଛାନିଧିଙ୍କର ସାଇମନ୍ ବର୍ଜନ ସାଇରେନ୍ ବାଜି ଉଠିଲା-

ସାଇମନ୍ ରିପୋର୍ଟ ଲେଖା
ସରିଗଲା ହେଲା ବଜାରେ ବିକା
ହଜାର ହଜାର କରି କିଣି ନେଲେ କେ କେତେ ରଙ୍କା
ସାତ ଭାଇ ସାଇମନ୍ ନିଶ୍ଚେ ଦେବେ ଡ଼ୋମେନିୟନ୍
ରିପୋର୍ଟ ପଢିସାରି ମୋ ଭାଇ ମୁହଁ ହେଲା ଫିକା ।

୧୯୩୦ ଜାନୁୟାରୀ ୨ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ ସମିତିର ବୈଠକରେ ଜାନୁୟାରୀ ୨୬ତାରିଖ ଦିନ ପୂର୍ଣ୍ଣ ସ୍ୱରାଜ ଦିବସ ପାଳନ କରିବାକୁ ସ୍ଥିର ହେଲା । ଏହି ଦିନ ସର୍ବତ୍ର ମହା ସମାରୋହର ସ୍ୱାଧୀନତା ଦିବସ ପାଳନ କରିବାକୁ ସ୍ଥିର ହେଲା । ଏହି ଦିନ ସର୍ବତ୍ର ମହା ସମାରୋହରେ ସ୍ୱାଧିନତା ଦିବସ ପାଳନ ହେଲା । ସହର ଓ ମଫସଲରେ ଶୋଭାଯାତ୍ରା ସହିତ ଜାତୀୟ ପତାକା ଉତ୍ତୋଳନ କରାଗଲା । ବାଲେଶ୍ୱର ଜିଲ୍ଲା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ବସ୍ତାଠାରେ ଅନୁଷ୍ଠିତ ହେଉଥିବା ବେଳେ ବାଞ୍ଛାନିଧି ସେଠାରେ ଗାଇଲେ-

(ଦେଖ) ଧୀରେ ଧୀରେ ଧୀରେ ସମୀରେ ଉଡ଼େ ଜାତୀୟ ପତାକା ଆଜି
ଜାତୀୟ ଜୀବନ ଗୌରବ ବିଭବ ଅରଟ ଅଂଗେ ଅଛି ସାଜି ।
ସେହି ଜାତୀୟ ପତାକାର ଗୁଣଗାନ କରି ସେ ରଚନା କଲେ ।
ରେ ପତାକା ଜାତିର ଗରବ ଜାତିର ଜୀବନ ପରାଣ ତୁହିରେ
ଏକତା - ପୀରତି -ଶାନ୍ତି- ମୂରତି- ସୁନ୍ଦର ତୋହର ସମାନ ନାହିଁରେ ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ୭୮ ଜଣ ସାବରମତୀ ଆଶ୍ରମବାସୀ ସତ୍ୟାଗ୍ରହୀଙ୍କ ସହିତ ଗାନ୍ଧି ଲବଣ ଆଇନ୍ ଅମାନ୍ୟ ପାଇଁ ଦାଣ୍ଡି ଯାତ୍ରା କଲେ । ଏହାର ପ୍ରଭାବରେ ସେହିବର୍ଷ ମାର୍ଚ୍ଚ ୧୫ ତାରିଖରେ ବାଲେଶ୍ୱର ଠାରେ ଅନୁଷ୍ଠିତ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିରେ ଲବଣ ଆଇନ୍ ଅମାନ୍ୟ ପାଇଁ ସ୍ଥିର ହେଲା । ବାଲେଶ୍ୱର ଜିଲ୍ଲାର ଇଂଚୁଡ଼ିରେ ଅପ୍ରେଲ ୧ ତାରିଖରେ ଲବଣ ଆଇନ୍ ଭଂଗ ହେଲା । ଓଡ଼ିଶାର ବିଭିନ୍ନ ଅଂଚଳରୁ ଆଗତ ସତ୍ୟାଗ୍ରହୀ ଏକତ୍ର ହେବାକୁ ଇଂଚୁଡ଼ିରେ ଆନ୍ଦୋଳନ ତୀବ୍ରରୂପ ନେଲା ଓ ପୋଲିସ୍‌ର ନିର୍ମମ ଦମନଲୀଳା ଆରମ୍ଭ ହେଲା । ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳ ଈରମରେ ବାଞ୍ଛାନିଧିଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା । ଭଣ୍ଡାରୀପୋଖରୀ, କେନ୍ଦୁଆପଦା, ଆଗରପଡ଼ା, ବନ୍ତ, ଧାମନଗର, ଭଦ୍ରକ, ବାସୁଦେବପୁର, ତିହିଡ଼ି ଆଦି ଅଂଚଳରୁ ବହୁ କର୍ମୀ ଶୋଭାଯାତ୍ରାରେ ଯାଇ ଈରମ୍‌ରେ ସମୁଦ୍ର ପାଣିରୁ ଲୁଣ ମାରିଲେ । ପୋଲିସର ଲାଠି ମାଡ଼ରେ ବହୁ କର୍ମୀ କ୍ଷତ ବିକ୍ଷତ ହେଲେ ହେଁ ବାଞ୍ଛାନିଧିଙ୍କ ଜାତୀୟ ଉଦ୍ଦୀପନା ସୃଷ୍ଟିକାରୀ ସଂଗୀତ-

ଗାଅ ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର ଭୂଧର, ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କଂପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ । (ପୃ-୧୬୨)

ଗାନରେ ଉତ୍ତେଜିତ ହୋଇ କୌଣସି କ୍ଷତବିକ୍ଷତକୁ ଭ୍ରୂକ୍ଷେପ ନକରି ଲୁଣମାରି ଭଦ୍ରକ କଚେରୀ ପାଖରେ ଆଣି ବିକ୍ରିକଲେ । ଶୋଭାଯାତ୍ରୀକାରୀମାନେ କୌଣସି ପଦକ୍ଷେପ ଆରମ୍ଭ କରିବାର ଠିକ୍ ପୂର୍ବରୁ ବାଞ୍ଛାନିଧିଙ୍କ ଉଦ୍ଦାମ ସଂଗୀତ ଗାଇ ଓ ଶୁଣି ଏପରି ଉନ୍ମାଦିତହୋଇଯାଇଥିଲା ଯେ, ସେତେବେଳେ ଏମାନଙ୍କର ଗତିପଥରୋଧ ପାଇଁ କୌଣସି ଶକ୍ତି ସାହାସ କରି ପାରୁନଥିଲା । ପୋଲିସର ଅମାନୁଷିକ ଅତ୍ୟାଚାର ଆରମ୍ଭ ହୋବା ସହିତ ବାଞ୍ଛାନିଧି ଗିରଫ ହୋଇ କଟକ ଜେଲରେ ରହିଲେ ।

୧୯୩୧ ମାର୍ଚ୍ଚ ୫ ତାରିଖରେ ଗାନ୍ଧି-ଇରଉନ୍‌ଚୁକ୍ତି ସ୍ୱାକ୍ଷରିତ ହେଲା । ରାଜବନ୍ଦୀମାନେ ମୁକ୍ତ ହେଲେ । ଗାନ୍ଧି ଲଣ୍ଡନଗଲେ ଗୋଲ ଟେବୁଲ ବୈଠକରେ ଯୋଗଦେବାକୁ ଅଗଷ୍ଟ ୨୯ରେ । ଗୋଲ ଟେବୁଲ ବୈଠକରୁ ଗାନ୍ଧି ବିଫଳମନା ହୋଇ ଫେରି ଭାରତରେ ଡ଼ିସେମ୍ବର ୨୪ରେ ପଦାର୍ପଣ କଲେ । ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ରାମେସ୍ ମାକ୍‌ଡ଼ୋନାଲଡ୍ ଓ ଭାରତୀୟ ଉଦାରପନ୍ଥୀ ନେତା ସାର ତେଜବାହାଦୂର ସାପ୍ରୁ ଓ ଶ୍ରୀ ଏମ୍. ଆର. ଜୟକାରଙ୍କୁ ବିଦ୍ରୁପ କରିଛନ୍ତି ବାଞ୍ଛାନିଧି-

ଆଛା ଗୋଲ ଟେବୁଲ ପାଲା ଲାଗିଲାରେ
ବାବା ସତ୍ୟପୀର ପୂଜା ମାଗିଲାରେ

ପାର୍ଲାମେଣ୍ଟ ସତ୍ୟପୀର ମ୍ୟାକ୍ ଡ଼ୋନାଲ ଗାଉଣୀ ଶିର
କିଂସଲି ହଲରେ ଫାର ଆସ୍ଥାନ ।
ମଡ଼ରେଟ୍ ସାପୁ ଜୟକାର ନିଜାମଆଲୁଓ୍ୱାର ଗାଇକୋଓ୍ୱାଡ଼
କାନ୍ଦି କାନ୍ଦି ବୁଢା ଫେରିଲାରେ (ପୃ- ୭୭)

ଅପୂର୍ବ ରୋମାଂଚ ଓ ନବ ନବ ଉନ୍ମାଦନାରେ କର୍ମୀଙ୍କ ପ୍ରାଣ ପ୍ରବାହକୁ ତାଙ୍କ ସଂଗୀତ ଚଳଚଂଚଳ କରୁଥିଲା ।

ହିନ୍ଦୁଙ୍କ ଠାରୁ ତଫସିଲଭୁକ୍ତ ଜାତିକୁ ଅଲଗା କରିବାର ହୀନଚକ୍ରାନ୍ତକୁ ଗାନ୍ଧିଜୀ ବ୍ୟର୍ଥ କରିବା ପାଇଁ ହରିଜନ ସେବା ଆରମ୍ଭ କଲେ ଓ ସେମାନଙ୍କର ସାମାଜିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ଅହରହ ଉଦ୍ୟମ ଚଳାଇଥିଲେ । ହିନ୍ଦୁମାନଙ୍କ ମନରୁ ଅସ୍ପୃଶ୍ୟତା ଭାବନାକୁ ଦୂର କରିବା ପାଇଁ ସେ ଏକ ଆନ୍ଦୋଳନ ପ୍ରସ୍ତୁତ କଲେ । ଏହି ହରିଜନ ଆନ୍ଦୋଳନର ପ୍ରଭାବରେ ଆୟୋଜିତ ସମ୍ମିଳନୀରେ ଜାତିଗତ କୁସଂସ୍କାର ମନୋଭାବ ଦୂରୀକରଣ ପାଇଁ ଗାଇଥିଲେ -

ଅଛୁଆଁ କିଆଁ ବୋଲୁଛ ସେ ପରା ଆମ୍ଭରି ଭାଇ
ପଥେ ଯେ ଆମରି ଏକା ଧରମରେ ଥାଇ । (ପୃ-୮୦)

ସର୍ବଭାରତୀୟ ସ୍ତରରେ ମୁକ୍ତି ସଂଗ୍ରାମ ପାଇଁ ଗାନ୍ଧିଜୀଙ୍କ ଆହ୍ୱାନ, ଯୋଜନା, କାର୍ଯ୍ୟକ୍ରମମାନ ପ୍ରାଦେଶିକ ସ୍ତରରେ ଗୃହୀତ ହେଉଥିଲା । ସେଗୁଡ଼ିକର ପ୍ରସାର କରି ଲୋକମାନଙ୍କୁ ଆନ୍ଦୋଳନରେ ସାମିଲ ହେବା ପାଇଁ କର୍ମୀମାନେ ଯତ୍‌ପରୋନାସ୍ତି ବୁଝାଉଥିଲେ । ମାତ୍ର ବାଲେଶ୍ୱର ଓ ଏହାର ଆଖପାଖ ସ୍ଥାନମାନଙ୍କରେ ଶେଷରେ ଓଡ଼ିଶା ପ୍ରଦେଶରେ ବାଞ୍ଛାନିଧିଙ୍କ ସଂଗୀତ ଲୋକମତ ଆକର୍ଷଣ, ସମର୍ଥନ ଓ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବା ପାଇଁ ଉଦ୍‌ବୋଧନ ଦେଉଥିଲା ।

ବାଞ୍ଛାନିଧି ଥିଲେ ସ୍ୱାଧୀନତାର ବାବଦୂକ । ଜାତୀୟ ଏକତା ଓ ସଂହତି, ଗୁଣ ଓ ଗାରିମା, ପ୍ରୀତି ଓ ମୈତ୍ରୀ, ସ୍ୱରାଜ ଓ ସ୍ୱାଧୀନତାର ମହାମନ୍ତ୍ର ଉଚ୍ଚାରଣ ବିନା ଅନ୍ୟ କିଛି ଗାଇବାକୁ ସେ ପସନ୍ଦ କରୁନଥିଲେ ।

କି ଗୀତ ଆଉ ମୁଁ ଗାଇବି ହେ ଭାଇ ଗାଇବାକୁ ମନେ ନାହିଁ
ଭାରି ଗଲାଣି ମୋ ହୃଦୟର ବୀଣା ତାର ଛିଡ଼ି ଛିଡ଼ି ଯାଇ ।

ତାଙ୍କ ସଂଗୀତ ଜାତୀୟ ଚେତନାରେ ମଧୁକ୍ଷରା । ତାର ପ୍ରତିବିନ୍ଦୁ ପାନରେ ଜାତିପ୍ରେମ ବହ୍ନି ଜଳିଉଠେ ।

ସେ ଥିଲେ ତୀକ୍ଷ୍ଣ ଦୂରଦ୍ରଷ୍ଟା, ଭବିଷ୍ୟତ ବକ୍ତା, ସ୍ୱୀକୀୟ ଅଭିଜ୍ଞତା ଓ ଅନୁଭୂତିରୁ ସେ ଜାଣିପାରିଥିଲେ ସ୍ୱାଧୀନତା ମିଳିବ, ସ୍ୱରାଜ ଆସିବ, କିନ୍ତୁ ଆମ ମାନସିକତାକୁ ତଦନୁରୂପ ପ୍ରସ୍ତୁତ ନକଲେ ଏହାବ୍ୟର୍ଥ ବିଫଳରେ ପର୍ଯ୍ୟବସିତ ହେବ । ସେହି ସ୍ୱାଧୀନତାର ମୋହ ଭଂଗରେ ଏବେ ଆମେ ଜଣେ ଜଣେ ଭୁକ୍ତଭୋଗୀ । କବି ଯାହା ଆଜି କହନ୍ତି, କାଲିକି ତାହା ସତ୍ୟରେ ପରିଣତ ହୁଏ । ସମାଲୋଚକ ସି. ହେନେରୀ ଓ୍ୱାରେନ୍‌ଙ୍କ ଭାଷାରେ- What we think tomorrow the poet was thinking yersterday, he is the conscious expression in advance of the most indicative thought tendencies of his time. ବାଞ୍ଛାନିଧିଙ୍କର ସଂଗୀତ କାଳଜୟୀ । ସାଂପ୍ରତିକ କାଳର ବିକଳ ବିଧୃତ ଅବସ୍ଥାର ଚିତ୍ର ତାଙ୍କର ନିମ୍ନ କବିତାରୁ ଦେଖା ଯାଇପାରେ ।

କି ହେବ ଏ ସ୍ୱରାଜ୍ୟ ଘେନି ଯେବେ ମୋର ନପୂରେ ପେଟ
ଖଟି ଖଟି ମଲେଣି ମୂଳିଆ ଚାଷୀ- ଚଷି ଦାନା କନା ନିଅଣ୍ଟ ।

ବରିଷ୍ଠ ଅଧ୍ୟାପକ, ଓଡ଼ିଆ ବିଭାଗ
ବନ୍ତ ଛକ, ଭଦ୍ରକ